# ଡେଲାୱେରର ୱିଲମିଙ୍ଗଟନରେ ଆମେରିକା ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ

ସେପ୍ଟେମ୍ବର ୨୧, ୨୦୨୪

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଡେଲାୱେରଠାରେ କ୍ୱାଡ୍ ଶିଖର ସମ୍ମିଳନୀ ଅବସରରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋସେଫ୍ ବାଇଡେନଙ୍କ ସହ ସାକ୍ଷାତ କରିଥିଲେ। ଏକ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତି ବାଇଡେନ ୱିଲମିଙ୍ଗଟନରେ ଥିବା ତାଙ୍କ ବାସଭବନରେ ଏହି ବୈଠକର ଆୟୋଜନ କରିଥିଲେ।

2. ଭାରତ-ଆମେରିକା ଭାଗିଦାରୀକୁ ପ୍ରୋତ୍ସାହିତ କରିବାରେ ରାଷ୍ଟ୍ରପତି ବାଇଡେନଙ୍କ ଅତୁଳନୀୟ ଅବଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ସେ ଜୁନ୍ ୨୦୨୩ରେ ତାଙ୍କର ଆମେରିକା ଗସ୍ତ ଏବଂ ସେପ୍ଟେମ୍ବର ୨୦୨୩ରେ ରାଷ୍ଟ୍ରପତି ବାଇଡେନଙ୍କ ଜି-୨୦ ସମ୍ମିଳନୀ ପାଇଁ ଭାରତ ଗସ୍ତକୁ ମନେ ପକାଇଥିଲେ। ଏହି ଗସ୍ତ ଭାରତ-ଆମେରିକା ଭାଗିଦାରୀକୁ ଅଧିକ ଗତିଶୀଳତା ଏବଂ ଗଭୀରତା ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

3. ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଆଜି ଏକ ବ୍ୟାପକ ବୈଶ୍ୱିକ ରଣନୈତିକ ଭାଗିଦାରୀ ଉପଭୋଗ କରୁଛନ୍ତି ଯାହା ମାନବ ପ୍ରୟାସର ସମସ୍ତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯାହା ଅଂଶୀଦାର ଗଣତାନ୍ତ୍ରିକ ମୂଲ୍ୟବୋଧ, ସ୍ୱାର୍ଥର ସମନ୍ୱୟ ଏବଂ ଜନସାଧାରଣଙ୍କ ମଧ୍ୟରେ ଜୀବନ୍ତ ସମ୍ପର୍କ ଦ୍ୱାରା ପରିଚାଳିତ।

4. ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ପନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ବଢ଼ାଇବା ଉପରେ ଆଲୋଚନା କରିଥିଲେ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ଏହା ବାହାରେ ଥିବା ବୈଶ୍ୱିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ସେମାନେ ସମ୍ପର୍କର ଦୃଢ଼ତା ଏବଂ ନିରନ୍ତର ସ୍ଥିରତା ଉପରେ ଆସ୍ଥା ପ୍ରକଟ କରିଥିଲେ ଏବଂ ଦୁଇ ଦେଶ ମଧ୍ୟରେ ମାନବ ପ୍ରୟାସର ସମସ୍ତ କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ସେମାନଙ୍କର ବିଶ୍ୱାସ ବ୍ୟକ୍ତ କରିଥିଲେ ।

**ୱିଲମିଙ୍ଗଟନ୍, ଡେଲାୱେର୍**
**ସେପ୍ଟେମ୍ବର ୨୧, ୨୦୨୪**